## Press Release

**. ଓଡ଼ିଶାର ନୂତନ ରିନ୍ୟୁଏବଲ ଏନର୍ଜୀ ପଲିସି ସଂମ୍ପର୍କରେ iFOREST ଦ୍ୱାରା ଭୁବନେଶ୍ୱର ଠାରେ ବିବିଧ ଅଂଶୀଦାର ମାନଙ୍କର ବୈଠକ**
**. ଓଡ଼ିଶାର ସବୁଜ ଅଭିବୃଦ୍ଧି ଓ ନିରନ୍ତର ବିକାଶ ପାଇଁ ଅଂଶୀଦାର ମାନଙ୍କର ଏକ ମହତ୍ୱାକାଂକ୍ଷୀ ରିନ୍ୟୁଏବଲ ଏନର୍ଜୀ ପଲିସି ଉପରେ ଗୁରୁତ୍ୱ**
**. ୨୦୩୦ ମସିହା ଶୁଦ୍ଧା 30 GW ରିନ୍ୟୁଏବଲ ଏନର୍ଜୀ ଲକ୍ଷ୍ୟ ଧାର୍ଯ୍ୟ ପାଇଁ iFORESTର ପ୍ରସ୍ତାବ**
**. ଓଡ଼ିଶାରେ ବିଶେଷତଃ କୃଷି , ବନୀକରଣ ଓ ଭାରି ଶିଳ୍ପ କ୍ଷେତ୍ରରେ , ଅନେକ ଅବ୍ୟବହୃତ ରିନ୍ୟୁଏବଲ ଏନର୍ଜୀର ବ୍ୟବହାର ପାଇଁ ନୂତନ ପଲିସି ଉପରେ ଗୁରୁତ୍ୱ**
**. ଏହି କ୍ଷେତ୍ରରେ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ପାଇଁ ଜମି ବ୍ୟବସ୍ଥାର ସରଳୀକରଣ ଓ ଫାଇନାନ୍ସ ଉପରେ ବିଶେଷଜ୍ଞ ମାନଙ୍କର ଗୁରୁତ୍ୱ**
**ଭୁବନେଶ୍ୱର , ୨୩-୮-୨୨**

ଓଡିଶାର ନୂତନ ରିନ୍ୟୁଏବଲ ଏନର୍ଜି ପଲିସି 2022-30 ସମ୍ପର୍କରେ ବ୍ୟାପକ ଆଲୋଚନା ପାଇଁ International Forum for Environment, Sustainability &Technology (iFOREST) ଭୁବନେଶ୍ୱର ଠାରେ ଏକ ସମ୍ମିଳନୀର ଆୟୋଜନ କରିଛି । 2016 ମସିହାରେ ହୋଇଥିବା RE ପଲିସି 2022 ଶେଷ ସୁଦ୍ଧା ସରିବାକୁ ଯାଉଛି ।

ବର୍ତମାନର ପଲିସି ଅନୁଯାୟୀ 2022 ସୁଦ୍ଧା ରେ କ୍ଷମତା 2750MW ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ମାତ୍ର ମାର୍ଚ୍ଚ 2022 ସୁଦ୍ଧା ଧାର୍ଜ ଲକ୍ଷ୍ୟର ମାତ୍ର ପ୍ରାୟ 25 ସତାଂଶ, ଅର୍ଥାତ 617MW ଇନଷ୍ଟାଲ କରାଯାଇପାରିଛି । ତେଣୁ ଓଡିଶା, ଏନର୍ଜି ପାଇଁ ମୁଖ୍ୟତଃ କୋଇଲା ଉପରେ ନିର୍ଭର କରୁଛି । କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁଯାୟୀ ରିନ୍ୟୁଏବଲ ପରଚେଜ ଓବ୍ଲିଗେସନ (RPO)ପୂରଣ ପାଇଁ, ଓଡିଶା ବର୍ତମାନ ସୁଦ୍ଧା ଅନ୍ୟ ରାଜ୍ୟରୁ ରିନ୍ୟୁଏବଲ ଏନର୍ଜି ଆମଦାନୀ କରୁଛି ।

ଏହି ପରିପ୍ରେକ୍ଷୀରେ, ଓଡିଶାରେ ଗ୍ରୀନ ଏନର୍ଜିର ବିକାଶ ପାଇଁ ବିବିଧ ଅଂଶୀଦାର ମାନେ ଆଲୋଚନା କରିଛନ୍ତି । ଏହି କାର୍ଯକ୍ରମରେ ସରକାରୀ ବିଭାଗର କର୍ମକର୍ତା, ବିଭିନ୍ନ ସରକାରୀ ଓ ବେସରକାରୀ ଉଦ୍ୟୋଗର କର୍ମକର୍ତା, ସାମାଜିକ ସଂଗଠନ ଓ ବିଶେଷଜ୍ଞ ମାନେ ଯୋଗଦାନ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ iFOREST ର ପ୍ରେସିଡେଣ୍ଟ ତଥା CEO ଚନ୍ଦ୍ର ଭୂଷଣ ଯୋଗଦେଇ କହିଛନ୍ତି ଯେ " ଓଡିଶାର ନିରନ୍ତର ବିକାଶ ଓ ଜଳବାୟୁ ପରିବର୍ତନ ର ମୁକାବିଲା ପାଇଁ ଅଧିକ ରିନ୍ୟୁଏବଲ ଏନର୍ଜିର ଆବଶ୍ୟକତା ଅଛି । ଓଡିଶାର ବହୁ ଅଧିକ ରିନ୍ୟୁଏବଲ ଏନର୍ଜି କ୍ଷମତା ଅଛି, ଯାହାକୁକୀ ନୂତନ ଅଭିନବ ପଲିସି ଦ୍ୱାରା ବ୍ୟବହାର କରାଯାଇ ପାରିବ ।"

ଶ୍ରୀ ଭୂଷଣ କହିଛନ୍ତି ଯେ, 2029-30 ସୁଦ୍ଧା ନୂତନ RPO ଧାର୍ଯ୍ୟ ଲକ୍ଷ୍ୟ 44.33 % ଅନୁଯାୟୀ ଓଡିଶା ନୂତନ RE ପ୍ଲାଣ୍ଟ ନିର୍ମାଣ କରିବ କିମ୍ବା ଅନ୍ୟ ରାଜ୍ୟରୁ କିଣିବ । ଆମେ ଭାବୁଛୁ ଯେ, RE ପ୍ଲାଣ୍ଟ ନିର୍ମାଣ କରି ଓଡିଶା ଅଧିକ ଲାଭବାନ ହେବ । ଏହି ପରିପ୍ରେକ୍ଷୀରେ 2030 ସୁଦ୍ଧା 30GW ରିନ୍ୟୁଏବଲ ଏନର୍ଜି ପାଇଁ ନୂତନ RE ପଲିସିରେ ଗୁରୁତ୍ୱ ଦେବାକୁ ଆମେ ପ୍ରସ୍ତାବ ଦେଉଛୁ ।"

ଏହି ସମ୍ମିଳନୀ ପୂର୍ବରୁ iFOREST ଓଡିଶା ର RE କ୍ଷେତ୍ରର ପୁଙ୍ଖାନୁପୁଙ୍ଖ ବିସ୍ଲେସଣ କରିବା ସହ 7ଟି ଗୋଷ୍ଠୀଗତ ଆଲୋଚନା କରିଛି , ଯେଉଁ ଥୀରେକି ବିଭିନ୍ନ ଶିଳ୍ପ, ସାମାଜିକ ଗୋଷ୍ଠୀ ଓ ସରକାରଙ୍କର 60 ଜଣ ଅଂଶୀଦାର ଭାଗ ନେଇଛନ୍ତି ।

ସମ୍ମିଳନୀର ଉଦଘାଟନ ଉତ୍ସବ ରେ ଓଡିଶା ସରକାରଙ୍କର ଇଞ୍ଜିନିଅର -ଇନ -ଚିଫ (ଇଲେକ୍ଟ୍ରି କାଲ )ଶ୍ରୀ ସୁରେଶ ଚନ୍ଦ୍ର ମହାରଣା ଯୋଗଦେଇ କହିଛନ୍ତି ଯେ, "ରିନ୍ୟୁଏବଲ ଏନର୍ଜିର ଅଭିବୃଦ୍ଧି ପାଇଁ ଆମର ପର୍ଯ୍ୟାପ୍ତ ସମ୍ଭାବନା ଥିବାବେଳେ, ବର୍ତମାନ ଏହାର ଉପଯୋଗ କରିବାର ସମୟ ଆସିଛି । ଓଡିଶା ବହୁ କ୍ଷେତ୍ରରେ ଅଗ୍ରଣୀ ଥିବାବେଳେ, ମୁଁ ନିଶ୍ଚିତ ଯେ ଆମେ RPO ଆବଶ୍ୟକତା କୁ ପୂରଣ କରିପାରିବା । "

ଏହି ସମ୍ମିଳନୀରେ ଟାଟା ପାୱାର ସେଣ୍ଟ୍ରାଲ ଓଡିଶା ଡିସ୍ଟ୍ରିବ୍ୟୁସନ ଲିମିଟେଡର ଚିଫ ଏକଜକ୍ୟୁଟିଭ ଶ୍ରୀ ସେନବାଗାମ ମଣ୍ଠିରାମ ଯୋଗଦେଇ କହିଛନ୍ତି ଯେ "ଓଡିଶାର ଦୃତ ଅଭିବୃଦ୍ଧି ପରିପ୍ରେକ୍ଷୀରେ, ଏହାକୁ ଆମେ ଚିରସ୍ଥାୟୀ କରିବାର ସମୟ ଆସିଛି ଓ ନୂତନ RE ପଲିସି ଏଥିପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବ । "

ବିଭିନ୍ନ କାରଣରୁ ଓଡିଶାରେ ବର୍ତମାନ ସୁଦ୍ଧା RE ସେକ୍ଟରର ଅଭିବୃଦ୍ଧି ହୋଇପାରିନାହିଁ । ଏଥିପାଇଁ ନୂତନ ଲ୍ୟାଣ୍ଡ ପଲିସି ଓ ଆବଶ୍ୟକୀୟ ପ୍ରୋତ୍ସାହନ ଦରକାର ।

iForest ଅଧିକାରୀ ମାଂଦବି ସିଂହ କହିଛନ୍ତି ଯେ " ପୁଞ୍ଜିନିବେଶ ପାଇଁ ରାଜ୍ୟର ରିନ୍ୟୁଏବଲ ଏନର୍ଜିର କ୍ଷମତାର ଉପଯୁକ୍ତ ବିନିଯୋଗ, ନିର୍ଦ୍ଦିଷ୍ଟ କ୍ଷେତ୍ରର ଚିହ୍ନଟ ଓ ବୈଷୟିକ ଜ୍ଞାନ କୌଶଳ ଉପରେ ଗୁରୁତ୍ୱ ଦିଆ ଯିବା ଉଚିତ । ରିନ୍ୟୁଏବଲ ଏନର୍ଜିର ବିକାଶରେ କୃଷକ ଏବଂ ଜମି ମାଲିକ ମାନଙ୍କର ସହଯୋଗ ପାଇଁ ନୂତନ ପଲିସି ର ଆବଶ୍ୟକତା ଅଛି । ଜଳଉତ୍ସ ଓ ଖଣି ଖାଦନର ପରିତ୍ୟକ୍ତ ଜମିରେ ରିନ୍ୟୁଏବଲ ଏନର୍ଜି ପ୍ରକଳ୍ପ କୁ ପ୍ରୋତ୍ସାହନ ଦିଆଯିବା ଦରକାର । ସର୍ବୋପରି ନିଯୁକ୍ତି ସୁଯୋଗ ଓ ଆୟ ବୃଦ୍ଧି ପାଇଁ ରୁଫଟପ ସୋଲାର ଏବଂ ଡିଷ୍ଟ୍ରିବ୍ୟୁଟେଡ଼ ରିନ୍ୟୁଏବଲ ଏନର୍ଜିକୁ ପ୍ରୋତ୍ସାହନ ଦିଆଯିବା ଦରକାର ।"

ସମ୍ମିଳନୀ ର 4ଟି ସେସନରେ ଅଂଶୀଦାର ମାନେ ବୃହତ ସୋଲାର ପ୍ଲାଣ୍ଟ, ରୁଫଟପ ସୋଲାର ଓ ନୂତନ ଜ୍ଞାନ କୌଶଳ ସମ୍ପର୍କରେ ଆଲୋଚନା କରିଛନ୍ତି ।

ଏହି ସମ୍ମିଳନୀ ରେ କୋଇଲା ଭିତିକ କ୍ୟାପଟିଭ ପାୱାର ପ୍ଲାଣ୍ଟ ସମ୍ପର୍କରେ ଆଲୋଚନା ହୋଇଛି । ସମ୍ମିଳନୀରେ ଅଂଶ ଗ୍ରହଣ କରି ସେନବାଗାମ କହିଛନ୍ତି ଯେ " RPO ଟାର୍ଗେଟ ପୂରଣ ଦୃଷ୍ଟିରୁ ରିନ୍ୟୁଏବଲ ଏନର୍ଜି ଇନଷ୍ଟାଲେସନ ଦିଗରେ ଶିଳ୍ପ ସଂସ୍ଥା ମାନଙ୍କୁ ଗୁରୁତ୍ୱପୁର୍ଣ ଭୂମିକା ଗ୍ରହଣ କରିବାକୁ ହେବ । ଓଡିଶାରେ ଦୁଇ ତୃତୀୟାଶ କୋଇଲା ଭିତିକ ପାୱାର ପ୍ଲାଣ୍ଟ ହେଉଛି କ୍ୟାପଟିଭ ପାୱାର ପ୍ଲାଣ୍ଟ "

ରିନ୍ୟୁଏବଲ ଏନର୍ଜିର ବିକାଶ ପାଇଁ ରାଜ୍ୟର କ୍ଷମତା ବୃଦ୍ଧି
ଉପରେ ସମ୍ମିଳନୀ ରେ ଆଲୋଚନା ହୋଇଛି । OHPC ର ଏମ. ଡି ଶ୍ରୀ ଅମରେଶ କୁମାର ଏହି ସମ୍ମିଳନୀ ରେ ଯୋଗ ଦେଇ କହିଛନ୍ତି ଯେ " ଓଡିଶା ରେ RE ଅଭିବୃଦ୍ଧି ପାଇଁ ତଥା ଏହାକୁ ଇନ୍ଧନ ଯୋଗାଇଦେବା ପାଇଁ ହାଇଡ୍ରୋ ଡେଭଲପମେଣ୍ଟ ଓ ଷ୍ଟୋରେଜ ଉପରେ ଗୁରୁତ୍ୱ ଦିଆଯିବା ଦରକାର । କେନ୍ଦ୍ର ସରକାର ହାଇଡ୍ରୋ ପାୱାରକୁ ଗୁରୁତ୍ୱ ଦେବାକୁ ଆଗେଇ ଆସିଥିବାରୁ, ଡେଭଲପର ମାନଙ୍କୁ ସହଯୋଗ ପାଇଁ, ରାଜ୍ୟର ପଲିସି ଆଗେଇ ଆସିବା ଉଚିତ ।

ଏହି ସମ୍ମିଳନୀ ରେ CYSD ର ସହ ପ୍ରତିଷ୍ଠାତା ଶ୍ରୀ ଜଗଦାନନ୍ଦ ଯୋଗଦେଇ କହିଛନ୍ତିଯେ " ରିନ୍ୟୁଏବଲ ଏନର୍ଜି ଗଣ ଆନ୍ଦୋଳନ ରେ ପରିଣତ ହେବା ଉଚିତ ଓ ଏଥିପାଇଁ ବିଶ୍ୱାସ ପ୍ରତ୍ୟୟ ସହ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଦରକାର "

ଶ୍ରୀ ଚନ୍ଦ୍ର ଭୂଷଣ କହିଛନ୍ତି ଯେ " ରାଜ୍ୟ ସରକାର ଙ୍କ ପାଖରେ ସାମଗ୍ରିକ ବିସ୍ଲେସଣ ସହ ଅଂଶୀଦାର ମାନଙ୍କର ମତାମତ କୁ ଉପସ୍ଥାପନା ପାଇଁ ଆମେ ଉଦ୍ୟମ କରିଛୁ । ଏହାଦ୍ୱାରା ସରକାର ସମସ୍ତ ଅଂଶୀଦାର ମାନଙ୍କର ମତାମତକୁ ନେଇ ଏକ ଦୃଢ RE ପଲିସୀ ତିଆରି କରିବେ । ବର୍ତମାନ ସୁଦ୍ଧା ଏ ସମ୍ପର୍କରେ ସରକାରୀ କର୍ମକର୍ତା ଙ୍କ ସହଯୋଗ ପାଇଁ ଆମେ ଖୁସି "
iForest,ଏହି ଆଲୋଚନାଚକ୍ର ପରେ ରାଜ୍ୟ ସରକାରଙ୍କ ପାଖରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନା କରିବ ।

**For any queries, please reach out to:**

Mandvi Singh
Programme lead, Energy and Climate Change
International Forum for Environment, Sustainability & Technology (iFOREST)
+91 9650623107 | mandvi@iforest.global